# ୧୦୦ ବଦଳରେ ୩୦ ଶଯ୍ୟା ଡାକ୍ତରଖାନା




- ୭ ବର୍ଷ ହେଲା ମିଳୁଛି କେବଳ ପ୍ରତିଶ୍ରୁତି
- ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ: ନାଗରିକ କମିଟି
- ଆନ୍ଦୋଳନକୁ ତୀବ୍ରତର କରିବାକୁ ସଜବାଜ

**ଯାଜପୁର ଅଫିସ,୨୯।୪**

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡିଛି। ଏହି କ୍ରମରେ ବ୍ୟାସନଗର ନାଗରିକ କମିଟି ଆନୁକୂଲ୍ୟରେ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ସୁପରସ୍ପେଶାଲିଟି ହସ୍ପିଟାଲ କରିବାକୁ ୧୪ ଦିନ ଧରି ଧାରଣା ଦେବାପରେ ୧୨ ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଥିଲା। ଏହି ବନ୍ଦ ପାଳନକୁ ସହରବାସୀ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ କରିଥିବା ଦେଖାଯାଇଥିଲା। ଏବେ ପ୍ରଶାସନ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ସୁପରସ୍ପେଶାଲିଟି ହସ୍ପିଟାଲ ବଦଳରେ ୩୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କରିବାକୁ ଜମି ଖୋଜୁଛନ୍ତି। ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହାକୁ ପ୍ରଶାସନର ଭୁଆଁ ବୁଲା ନୀତି ଏବଂ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ ବୋଲି ମତପ୍ରକାଶ ପାଇଛି। ଏହାବାଦ୍ ୫ ଦଫା ଦାବିଗୁଡ଼ିକ ପୂରଣ ନ ହେବା ଯାଏ ଆନ୍ଦୋଳନରୁ ଓହରିବାର ପ୍ରଶ୍ନ ଉଠୁନାହିଁ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ବ୍ୟାସନଗରର ପରିସୀମା ବଢ଼ିବା ସହ ଲୋକସଂଖ୍ୟା ବେସରକାରୀ ଭାବେ ଦେଢ଼ ଲକ୍ଷ ଟପିଲାଣି। ହେଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମି ସାଙ୍ଗକୁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଅଭାବ ସହରବାସୀଙ୍କୁ ବ୍ୟଥିତ କରିଛି। ଏହାର ସୁଯୋଗରେ କଟକ, ଭୁବନେଶ୍ୱର, ଯାଜପୁର ଓ ଯାଜପୁରରୋଡ୍‌ର ବିଭିନ୍ନ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନଙ୍କ ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି ବ୍ୟାସନଗର। ସହରରେ ଥିବା ୨୦ରୁ ଉର୍ଦ୍ଧ୍ୱ ମେଡିସିନ ଷ୍ଟୋର ସମେତ ବିଭିନ୍ନ କ୍ଲିନିକରେ ଏହି ଡାକ୍ତରମାନେ ସ୍ୱାସ୍ଥ୍ୟସେବାକୁ ବ୍ୟବସାୟୀକରଣ କରିଛନ୍ତି। ଆର୍ଥିକ ସ୍ୱଚ୍ଛଳବର୍ଗର ଲୋକମାନେ ୩୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଡାକ୍ତର ଫି ଦେଇ ସ୍ୱାସ୍ଥ୍ୟସେବା ପାଉଥିବାବେଳେ ଗରିବ ନିରୀହ ଲୋକ ଏଥିରେ ପେଷି ହେଉଥିବା ମତପ୍ରକାଶ ପାଇଛି।

ବ୍ୟାସନଗର ଓ ଏହାର ଆଖପାଖରେ କିଡ୍‌ନୀ ରୋଗ ସମେତ ଯକ୍ଷ୍ମା, ଜ୍ୱର, ଝାଡ଼ାବାନ୍ତି, ହଇଜା ଓ ଅନ୍ୟାନ୍ୟ ପେଟ ରୋଗରେ ଲୋକେ ପ୍ରାୟତଃ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ଚିକିତ୍ସାସେବା ନାମରେ ୩୦ ଶଯ୍ୟା ବିଶିଷ୍ଟ ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଲୋକସଂଖ୍ୟା ତୁଳନାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯଥେଷ୍ଟ ନୁହେଁ। ଏହାବାଦ୍ ଏଠାରେ ମେଡିସିନ, ଆସିଷ୍ଟାଣ୍ଟ ସର୍ଜନ, ଦାନ୍ତ ବିଶେଷଜ୍ଞ ଆଦି ପଦବୀ ଖାଲି ପଡ଼ିଛି। ଏକ୍ସ-ରେ, ଅଲଟ୍ରାସାଉଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସେବା ସରକାରୀସ୍ତରରେ ମିଳିପାରୁନାହିଁ। ବିଶେଷକରି ଗର୍ଭବତୀ ମହିଳାମାନେ ବିଭିନ୍ନ ସମୟରେ ଅବହେଳିତ ହେଉଥିବା ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା ଡାକ୍ତର ମେଡିସିନ ଷ୍ଟୋର କିମ୍ବା ବେସରକାରୀ କ୍ଲିନିକକୁ ଯିବାର ସମୟ ହୋଇଥିଲେ ଗର୍ଭବତୀ ମହିଳାଙ୍କୁ ଅଣଦେଖା କରୁଛନ୍ତି। କୌଣସି ସମସ୍ୟା ନଥିଲେ ବି ଅନ୍ୟତ୍ର ସ୍ଥାନାନ୍ତର କରୁଥିବା ଅଭିଯୋଗ ହେଉଛି। ଯାଜପୁରରୋଡ୍ ସିଏଚ୍‌ସିକୁ ଉନ୍ନତୀକରଣ କରିବାକୁ ୨୦୧୧ରେ ତତ୍କାଳୀନ କୋରେଇ ବିଧାୟକ ପ୍ରୀତିରଞ୍ଜନ ଘଡେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ଏନେଇ ଦାବି, ଆନ୍ଦୋଳନ ମଧ ହୋଇଥିଲା। କିନ୍ତୁ ବିଧାୟକଙ୍କ କୌଣସି ସୁପାରିସକୁ ସରକାର ଶୁଣି ନ ଥିଲେ। ଜିଲା ହେଡ୍‌କ୍ୱାର୍ଟର୍ସ ହୋଇ ନ ଥିଲେ ବି ରାଉରକେଲା ଭଳି ଏକ ସୁପରସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା କରିବାକୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। କିନ୍ତୁ ତାହାକୁ ଉପେକ୍ଷା କରାଯାଇଆସୁଛି। ୨୦୧୮ରେ ତତ୍କାଳୀନ କୋରେଇ ବିଧାୟକ ଆକାଶ ଦାସ ନାୟକ ଉପଖଣ୍ଡସ୍ତରୀୟ ଡାକ୍ତରଖାନା କରିବାକୁ ଦାବି କରିଥିଲେ। ତାହା ବି କେହି କର୍ଣ୍ଣପାତ କଲେ ନାହିଁ। ୨୦୧୫ ସେପ୍ଟେମ୍ବରରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ସୁପରସ୍ପେଶାଲିଟି ଡାକ୍ତରଖାନା ଆରମ୍ଭ କରିବାକୁ ଜନପ୍ରତିନିଧିମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଜେଡି ସରକାରଙ୍କ ଉଚ୍ଚସ୍ତରୀୟ ନେତୃବର୍ଗଙ୍କ ହସ୍ତକ୍ଷେପ ଫଳରେ ଏହି ଆନ୍ଦୋଳନ ପ୍ରଶମିତ ହୋଇଥିଲା। ଏହି ଅବସରରେ ୨୦୧୬ ଅଗଷ୍ଟ ସୁଦ୍ଧା ସୁପରସ୍ପେଶାଲିଟି ଡାକ୍ତରଖାନା କାର୍ଯ୍ୟକାରୀ ହେବ ଏବଂ ଯେଉଁଥିରେ କିଡ୍‌ନୀ ଏବଂ କର୍କଟ ରୋଗର ଚିକିତ୍ସା ପାଇଁ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପ୍ରତିଶ୍ରୁତିରେ ୭ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ହେଲେ ଡାକ୍ତରଖାନାର ଦେଖା ନାହିଁ। ମିଳିତ କ୍ରିୟାନୁଷ୍ଠାନ କମିଟିର ହେମନ୍ତ କିଶୋର ସାହୁ, ଦୁର୍ଯ୍ୟୋଧନ ରାଉତ, ବିଦ୍ୟାଧର ମହାନ୍ତି, ଦୁଷ୍ମନ୍ତ କୁମାର ନାୟକ, ହୃଦାନନ୍ଦ ସାମଲ, ଚିନ୍ତାମଣି ପାଢ଼ୀ, ଚନ୍ଦ୍ରଶେଖର ପଣ୍ଡା, ପ୍ରଫୁଲ୍ଲ କୁମାର ନାୟକ, ବିବେକାନନ୍ଦ ମହାନ୍ତି, ଚନ୍ଦ୍ରମଣି ସାମଲ, ରାଜେନ୍ଦ୍ର ବିଶ୍ୱାଳ, ହୃଷୀକେଶ ସାହୁ ପ୍ରମୁଖଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଆସନ୍ତା ୨ ତାରିଖରେ ସମସ୍ତ ରାଜନୈତିକ ଓ ଅଣ ରାଜନୈତିକ ସଂଗଠନକୁ ନେଇ ଏକ ବୈଠକ କରାଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ଘୋଷଣା କରଯିବ ବୋଲି ନିଷ୍ପତ୍ତି ହୋଇଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଧର୍ମଶାଳା,୨୯।୪(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ସାରୋଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଅଞ୍ଚଳର ସୁଶୀଲ କୁମାର ନନ୍ଦ( ୫୦)। ସୁଶୀଲ କୌଣସି କାମରେ ଶନିବାର ପୂର୍ବାହ୍ନରେ ଓଆର୍ ୨୨-୬୧୪୫ ନଂ. ହିରୋହୁଣ୍ଡା ସ୍ପ୍ଲେଣ୍ଡରରେ କଟକ ଅଭିମୁଖେ ଯାଉଥିବାବେଳେ ସାରୋଇଛକ ନିକଟରେ ପାରାଦୀପ ଅଭିମୁଖେ ଯାଉଥିବା ଓଡି-୦୪-ଏନ୍-୫୦୭୯ ଆଇରନ ବୋଝେଇ ଏକ ଟ୍ରକ୍ ତାଙ୍କୁ ଧକ୍କାଦେବା ସହ ତାଙ୍କ ଉପରେ ଚଢ଼ିଯାଇଥିଲା। ସେ ଚକା ତଳେ କିଛି ସମୟ ଚାପି ହୋଇ ରହିଯାଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ଗୋଟିଏ ଗୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡିଛି। ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଧର୍ମଶାଳା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କୋରାବନ୍ଧୀରେ ଶନିଶ୍ଚରଙ୍କ ଯଜ୍ଞ

**ରଗଡି,୨୯।୪(ଡି.ଏନ.ଏ.):** କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତର କୋରାବନ୍ଧୀ ଗ୍ରାମରେ ଶନିବାର ଶନିଶ୍ଚର ମହାପ୍ରଭୁଙ୍କ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟପୂଜକ ରତ୍ନାକର ପାଢ଼ୀ ଓ କୁଳମଣି କରଙ୍କ ପୌରୋହିତ୍ୟରେ ମୁଖ୍ୟକର୍ତ୍ତା ଆଲୋକ ରାଉତରାୟ ସମସ୍ତ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଅଜୟ କୁମାର ବରାଳ, କାହ୍ନୁଚରଣ ସେଠୀ, ଚିତ୍ତରଞ୍ଜନ ନନ୍ଦ, ଯତିଶ କୁମାର ମଲ୍ଲିକ, ବିଜୟ କୁମାର ବାରିକ ପ୍ରମୁଖ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ। କୋରାବନ୍ଧୀ, ବରାଙ୍ଗ, ସାହାଡ଼ାକଳି ଓ ପୁଲୁରିଗଡ଼ିଆ ଆଦି ବିଭିନ୍ନ ଗ୍ରାମରୁ ଶତାଧିକ ଭକ୍ତ ଉପସ୍ଥିତ ରହି ପ୍ରଭୁଙ୍କ ସାନ୍ନିଧ୍ୟପ୍ରାପ୍ତ ହୋଇଥିଲେ।

# ଶନିଶ୍ଚରଙ୍କଠାରେ ଜଳାଭିଷେକ କଲେ ଶ୍ରଦ୍ଧାଳୁ



ଶ୍ରଦ୍ଧାଳୁମାନେ ନଦୀରୁ ଜଳ ନେଇ ଶନିଶ୍ଚରଙ୍କ ନିକଟକୁ ଯାଉଛନ୍ତି।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୯।୪ (ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡ଼ିଆ ପଞ୍ଚାୟତସ୍ଥିତ ତାଲୁଆ-ବାଲିକୁଦା ଗ୍ରାମର କେଲୁଅ ନଦୀକୂଳରେ ଥିବା ଶନିମନ୍ଦିରରେ ଶନିବାର ହଜାରହଜାର ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି। ଶନିଶ୍ଚର ଓଷା ଅବସରରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ କେଲୁଅ ନଦୀରୁ ଜଳ ଆଣି ଜଳାଭିଷେକ କରିଥିଲେ। ଏଥିପାଇଁ ଭୋର ୩ଟାରୁ ପୂର୍ବାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ଶହଶହ ସଂଖ୍ୟାରେ ଅସ୍ଥାୟୀ ବ୍ୟବସାୟୀ ନଦୀପଠାରେ ସେମାନଙ୍କ ଦୋକାନ ଖୋଲିଥିଲେ। ଶ୍ରଦ୍ଧାଳୁଙ୍କ ଆଗମନ ଦେଖି ୪ଟି ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଳଛତ୍ର କରାଯାଇଥିଲା। କେଲୁଅ ଓ ଗେଙ୍ଗୁଟି ନଦୀର ସଂଗମସ୍ଥଳ ଭାବେ ପରିଚିତ ଏହି ଶନିଶ୍ଚର ମନ୍ଦିରକୁ ଯାଜପୁର, କେନ୍ଦ୍ରାପଡ଼ା, କଟକ, କେନ୍ଦୁଝର ଓ ଜଗତ୍‌ସିଂହପୁର ଜିଲାର ଶ୍ରଦ୍ଧାଳୁ ଜଳାଭିଷେକ କରିବା ପାଇଁ ଆସିଥିଲେ। ଏହି ଉପଲକ୍ଷେ ଗୁରୁବାରଠାରୁ ଯଜ୍ଞ ଆୟୋଜନ କରାଯାଇଥିଲା। ପଣ୍ଡିତମାନେ ଯଜ୍ଞକାର୍ଯ୍ୟ ୩ଦିନ ଧରି କରିଥିବାବେଳେ ଶନିବାର ଏହାର ପୂର୍ଣ୍ଣାହୁତି ହୋଇଛି। ସ୍ଥାନୀୟ ଯୁବକ ସଂଘ ସଭାପତି ଶିଶିର କୁମାର ଜେନା, ହରିହର ସାହୁ, ଜ୍ଞାନ ରଞ୍ଜନ ପରିଡ଼ା ଓ ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ଧର୍ମଶାଳାର ବିଭିନ୍ନ ସ୍ଥାନରେ ଶନିଶ୍ଚରଙ୍କ ପୂଜା

**ଧର୍ମଶାଳା,୨୯।୪(ଡି.ଏନ.ଏ.)**



ବାସୁଦେବପୁର ଶନି ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଶନିଓଷା ଅବସରରେ ଶନିବାର ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଶନିଶ୍ଚର ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ଦେଓଦା ପଞ୍ଚାୟତ ବାସୁଦେବପୁରଠାରେ ଶନିଶ୍ଚରଙ୍କ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରାତଃରୁ ଶନିମହାଦେବ ମନ୍ଦିରରେ ଶନିଦେବଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯିବା ସହ ହୋମଯଜ୍ଞ କରାଯାଇଥିଲା। ଶନିମହାଦେବଙ୍କ ନିକଟରେ ଜଳାଭିଷେକ ପାଇଁ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତ ନିକଟସ୍ଥ କେଲୁଅନଦୀରୁ ଜଳ ଆଣି ଶନିଦେବଙ୍କ ନିକଟରେ ଜଳାଭିଷେକ କରିଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ଲୋକଙ୍କ ଭିଡ଼ ଲାଗିଥିବାରୁ ଏଠାରେ ବହୁ ସଂଖ୍ୟାରେ ଉଠା ଦୋକାନୀ ସେମାନଙ୍କ ପସରା ମେଲାଇଥିଲେ। ସେହିପରି ସୁନ୍ଦୂରିଆ ଠାରେ ଶନିଦେବଙ୍କ ଜଳାଭିଷେକ ଅନୁଷ୍ଠିତ ହୋଇଥିଲା। ଏଠାରେ ଭକ୍ତମାନେ ନିକଟସ୍ଥ ପୁଷ୍କରଣୀରୁ ଜଳଆଣି ଶନିଦେବଙ୍କୁ ଜଳାଭିଷେକ କରିଥିଲେ। ସେହିପରି କାଏମା, କୋଟପୁର, ଚୋରମୁହାଁ, ଭବାନୀପୁର ଓ ନାକପୋଲ ଆଦି ଅଞ୍ଚଳରେ ଶନିଓଷା ପାଳିତ ହୋଇଛି।

# ଶନିଦେବଙ୍କ ପୂଜା

## ଦୀପ ନିଆଁ ଲାଗି ମହିଳା ଶ୍ରଦ୍ଧାଳୁ ଆହତ

**ଯାଜପୁରରୋଡ଼,୨୯।୪(ଡି.ଏନ.ଏ.):** ପୁରପଲ୍ଲୀରେ ଶନି ଓଷା ପାଳିତ ହୋଇଯାଇଛି। ଏଥିପାଇଁ ଶନିଦେବଙ୍କ ମନ୍ଦିର ଓ ପୀଠଗୁଡ଼ିକ ଶନିବାର ପ୍ରାତଃ ସମୟରୁ ଚଳଚଞ୍ଚଳ ହୋଇ ଉଠିଥିଲା। ଶ୍ରଦ୍ଧାଳୁ ପରିବାରର ମଙ୍ଗଳ କାମନା କରି ଶନି ଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ବ୍ୟାସନଗର ସହରର ପ୍ରମୁଖ ଶନି ଦେବଙ୍କ ପୀଠ ଝଟିଆ ସାହି ଓ ରାଛିପୁରଠାରେ ବିଶେଷ ଜନ ସମାଗମ ପରିଲକ୍ଷିତ ହୋଇଥିଲା। ଏହି ସମୟରେ ଏକ ଅଘଟଣ ଘଟିଛି। ଦୀପ ଜାଳିବା ସମୟରେ ଅସାବଧାନତା ବଶତଃ ରଞ୍ଜିତା ସ୍ୱାଇଁ ନାମକ ଜଣେ ମହିଳାଙ୍କ ଶାଢ଼ିରେ ନିଆଁ ଲାଗି ଯାଇଥିଲା। ଫଳରେ ସେ ଆହତ ହୋଇଥିଲେ। ଉପସ୍ଥିତ ଲୋକେ ସଙ୍ଗେସଙ୍ଗେ ନିଆଁକୁ ଲିଭାଇ ଦେଇଥିଲେ। ମାତ୍ର ତାଙ୍କ ପଛ ଭାଗ ସମାନ୍ୟ ପୋଡ଼ି ଯାଇଥିଲା। ତାଙ୍କୁ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ରାତ୍ର ୯ ଘଟିକାରେ ସ୍ଥାନୀୟ ଗୋଶାଳା ପୁଷ୍କରିଣୀରୁ ମହିଳାମାନେ କଳସ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ରାତ୍ର ୩ ଘଟିକାରେ ଦ୍ୱାର ଫିଟା ଯାଇ ଗ୍ରହରାଜଙ୍କୁ ସ୍ନାନ କରାଯାଇ ଯଥାବିଧି ପୂଜା ସହ ଯଜ୍ଞ ହୋମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ ପାଣି କାକସି ଓ ପୂଜା ସଂଗ୍ରାମୀ ଧରି ଧାଡିରେ ଠିଆହୋଇ ଶନିଦେଙ୍କ ଉପରେ ଜଳାଭିଷେକ କରିଥିଲେ। ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝଟିଆ ସାହି ମନ୍ଦିର କମିଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ ମୁଖ୍ୟକର୍ତ୍ତା ଭାବେ ଶୁକଦେବ ରାଉତ ତାଙ୍କ ସହ ଧର୍ମିଣୀ ଜାନକୀ ରାଉତ, ମୁଖ୍ୟ ପୂଜକ ଭାବେ ବିଭୂନ୍ଦ୍ର ପାଢ଼ୀ, ତ୍ରୈଲୋଚନ ପଣ୍ଡା, ବିଭୁଦତ୍ତ ପତି, ରାଜେନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟ ତୁଲାଇଥିଲେ। ପ୍ରଶାନ୍ତ ଦାସ, ପ୍ରତାପ କୁମାର ଦାସ, ପଦ୍ମନାଭ ନାୟକ, ପ୍ରଭାତ ବଳ, ମନୋଜ ରାଉତ, ଆଶିଷ ମଲ୍ଲିକ,ବଟକୃଷ୍ଣ ବଳ, ନିନିଆ ଦାସ, ଗୌରହାରୀ ଦାସ, ରଞ୍ଜିତ ପ୍ରଧାନ, ଜଗବନ୍ଧୁ ନାୟକ, ପିତାମ୍ବର ନାୟକ, ସନାତନ ନାୟକ, ବିଜୟ ନାୟକ, ଦିଲ୍ଲୀପ ସାହୁ ରମେଶ ରାଉତ, କାର୍ତ୍ତିକ ବିଶ୍ୱାଳ, କୈଳାଶ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଯାଜପୁର ରୋଡ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଭବାନୀ



@ ନିରୁପମା



@ ବିଷ୍ଣୁପ୍ରିୟା



@ ସ୍ମିତିରଞ୍ଜନ



@ ଶ୍ରୀନିବାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାପାଳଙ୍କ ଧର୍ମଶାଳା ଡାକ୍ତରଖାନା ପରିଦର୍ଶନ



ଜିଲାପାଳ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

**ଧର୍ମଶାଳା,୨୯।୪ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ୫-ଟିରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୂପାନ୍ତରିକରଣ ହେବାକୁ ପ୍ରସ୍ତାବ ରହିଥିବାବେଳେ ଶନିବାର ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏକ ଟିମ୍ ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଅନୁଧ୍ୟାନ କରିଛନ୍ତି। ଜିଲାପାଳଙ୍କ ଏହି ଟିମ୍‌ରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଲୋକ ମହାନ୍ତି, ସହକାରୀ ଯନ୍ତ୍ରୀ ନରେନ କୁମାର ଜେନା, ବିରେନ ବସୁ ଓ ୫-ଟିର ୨ ସଦସ୍ୟ ଉପସ୍ଥିତ ଥିଲେ। ଜିଲାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତିଭୂମି ଅନୁଧ୍ୟାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଓପିଡି ଗୃହ ନିର୍ମାଣ ସହିତ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ଜିଲାପାଳଙ୍କୁ ଅବଗତ କରାଇଥିଲେ।

# ଯାଜପୁର ଜିଲାର ୬ ଜଣ ସମ୍ମାନିତ

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

- ରାଜ୍ୟର ଶ୍ରେଷ୍ଠ ତାଲିକାରେ ଧର୍ମଶାଳା, ରସୁଲପୁର ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ

**ରସୁଲପୁର/ଧର୍ମଶାଳା, ୨୯।୪ (ଡି.ଏନ.ଏ.)**



ସମ୍ମାନିତ ହୋଇଥିବା ୨ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଓ ୨ ଚାଷୀ।

ଭୁବନେଶ୍ୱର ଉପଖଣ୍ଡ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟର ଶ୍ରେଷ୍ଠ ପ୍ରାଣୀଧନ ଚିକିତ୍ସକ, ସହକାରୀ ପ୍ରାଣୀଧନ ଚିକିତ୍ସକ, ଗୋ, ଛେଳି, ମେଣ୍ଢା, ଘୁଷୁରି ଓ ମତ୍ସ୍ୟଚାଷୀଙ୍କୁ ସମ୍ମାନିତ କରାଯାଇଛି। ଏହିକ୍ରମରେ ରାଜ୍ୟର ମୋଟ୍ ୩୨ ସଫଳ ପ୍ରାଣୀବିତ୍ ଓ ପ୍ରାଣୀ ସମ୍ପଦ ଚାଷୀଙ୍କୁ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଯାଜପୁର ଜିଲାରୁ ସର୍ବାଧିକ ୬ଜଣଙ୍କ ନାମ ସ୍ଥାନ ପାଇଛି। ସେଥିରେ ରସୁଲପୁର ବ୍ଲକ ଭାରପ୍ରାପ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ସୁବାସ ଚନ୍ଦ୍ର ଯେନାଙ୍କୁ ରାଜ୍ୟର ଶ୍ରେଷ୍ଠ ସହକାରୀ ପ୍ରାଣୀଧନ ଚିକିତ୍ସକ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଧର୍ମଶାଳା ମଣ୍ଡଳ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ରଞ୍ଜନ କୁମାର ସେଠୀଙ୍କୁ ରାଜ୍ୟର ଦ୍ୱିତୀୟ ଶ୍ରେଷ୍ଠ ମଣ୍ଡଳ ପ୍ରାଣୀଧନ ଚିକିତ୍ସକ ଓ ରସୁଲପୁର ମଣ୍ଡଳ କଲଣ ଅଞ୍ଚଳ ପାଇଁ ପ୍ରାଣୀ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ପ୍ରଭାତ କୁମାର ଯେନାଙ୍କୁ ଶ୍ରେଷ୍ଠ ପ୍ରାଣୀଧନ ନିରୀକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ପ୍ରାଣୀ ସମ୍ପଦର ସୁବ୍ୟବହାର ଓ ତା'କୁ ଉପଯୋଗକରି ଲାଭବାନ ହୋଇଥିବା ରସୁଲପୁର ବ୍ଲକ ମୁଗୁପାଳ ପଞ୍ଚାୟତ ସାରଙ୍ଗପୁର ଗ୍ରାମର ମା' ସନ୍ତୋଷୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ଶ୍ରେଷ୍ଠ ସ୍ୱୟଂ ସହାୟିକା ଗୋଷ୍ଠର ମାନ୍ୟତା ମିଳିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜାନରେ ସାମିଲ ହୋଇ ଧର୍ମଶାଳା ବ୍ଲକ ଗଡ଼ମଧୁପୁର ଅଞ୍ଚଳର ଛେଳି ଚାଷୀ ଶ୍ରୀନିବାସ ଯେନା ୫୦୦ଛେଳି ଓ ୨୫ଟି ବୋଦା ଚାଷକରି ରାଜ୍ୟର ଶ୍ରେଷ୍ଠ ଛେଳି ଚାଷୀ ଭାବେ ପୁରସ୍କୃତ ହୋଇଛନ୍ତି। ବଡ଼ଚଣା ବ୍ଲକ ଅଞ୍ଚଳର ଘୁଷୁରି ଚାଷୀ ଜୀବନକୃଷ୍ଣ ଯେନାଙ୍କୁ ସମ୍ମାନିତ କରାଯାଇଛି। ସେ ୧୦୦ରୁ ଉର୍ଦ୍ଧ୍ୱ ଘୁଷୁରି ଚାଷ କରି ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ରାଜ୍ୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ସେ ରାଜ୍ୟରେ ଶ୍ରେଷ୍ଠ ଚାଷୀ ଭାବରେ ପୁରସ୍କୃତ ହୋଇ ଯାଜପୁର ଜିଲା ପାଇଁ ଗୌରବ ଆଣିଛନ୍ତି। ସଫଳ ଅଧିକାରୀ ଓ ଚାଷୀମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ ଜଣାଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କୃଷି, କୃଷକ ସଶକ୍ତୀକରଣ ଓ ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ କୃଷି ଓ ପଶୁପାଳନ ବିଭାଗ ସଚିବ ସୁରେଶ କରୁମାର ବଶିଷ୍ଠ ପ୍ରମୁଖ ଯୋଗଦେଇ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ।

# ଜେନାପୁର ଅଞ୍ଚଳରେ ଶନିଦେବଙ୍କ ପୂଜା



**ଜେନାପୁର,୨୯।୪ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଓ କବାଟ ବନ୍ଧ ଅଞ୍ଚଳରେ ଥିବା ଚାରଗୋଠ, ଗୋଡ଼ିପଟିଆ, ବୃନ୍ଦାଦେଇପୁର, ଦଣ୍ଡସନା ଓ ବ୍ରହ୍ମପୁର ଆଦି ବିଭିନ୍ନ ସ୍ଥାନରେ ଶନିବାର ଗ୍ରହରାଜ ଶନିଦେବଙ୍କ ପୂଜା ପାଳିତ ହୋଇଯାଇଛି। ଭକ୍ତମାନେ ଗ୍ରହରାଜଙ୍କୁ ଦର୍ଶନ କରିବା ସହିତ ରିଷ୍ଟ ଖଣ୍ଡନ ନିମନ୍ତେ ଜଳାଭିଷେକ କରିଥିଲେ। ମାନସିକ ପୂରଣ ନିମନ୍ତେ ପିଲାଠାରୁ ବୃଦ୍ଧା ସମସ୍ତେ ଗ୍ରହରାଜଙ୍କ ଉପରେ ଜଳାଭିଷେକ କରିଥିଲେ। ଭଜନ କୀର୍ତ୍ତନ ଓ ଜନସମାଗମ ମଧ୍ୟରେ ପୀଠଗୁଡ଼ିକ ଉତ୍ସବମୁଖର ହୋଇ ଉଠିଥିଲା।

## ସଂକ୍ଷେପରେ

### ଜଙ୍ଗଲରୁ କାଟି ନେଉଛନ୍ତି ଝାଉଁଗଛ



ପାରାଦୀପ,୨୯।୪(ସ୍ୱ.ପ୍ର.)- କୁଜଙ୍ଗ ବନାଞ୍ଚଳ ଅଧୀନ ଷଣ୍ଢକୁଦ ସଂରକ୍ଷିତ ଝାଉଁ ଜଙ୍ଗଲକୁ ଗତ ୩/୪ଦିନ ହେଲା ଅବାଧରେ କଟାଯାଉଛି। ଟ୍ରକ ଓ ଟ୍ରାକ୍ଟର ଯୋଗେ ସେସବୁ ଗଛକୁ ବିଭିନ୍ନ କାଠଗୋଲାକୁ ଯାଉଥିବା ଦେଖିବାକୁ ମିଳିଛି। ଜଙ୍ଗଲ ବିଭାଗ ବିଟ ହାଉସ୍ ସଲଗ୍ନ ଜଙ୍ଗଲରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହାକୁ ବନ ବିଭାଗ ଦେଖି ନ ଦେଖିଲା ଭଳି ରହୁଛି ବୋଲି ସ୍ଥାନୀୟ ବାସିନ୍ଦା ପଞ୍ଚାନନ ବେହେରା ଅଭିଯୋଗ କରିଛନ୍ତି। ଯେଉଁ ଲୋକମାନେ ଗଛ କାଟୁଛନ୍ତି ସେମାନଙ୍କୁ ପଚାରିଲେ କୁହନ୍ତି ଆମକୁ ଗାର୍ଡ କହିଛନ୍ତି। କିନ୍ତୁ କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କୁହନ୍ତି, ସେମିତି କାହାକୁ ଗଛ କାଟିବା ପାଇଁ ସ୍ୱୀକୃତି ଦିଆଯାଇନାହିଁ। ଆମର ଗାର୍ଡ ଦୁଇଦିନ ହେଲା ରାତି ଦିନ ଜଗୁଛନ୍ତି। ମଝିରେ କିଛି ଗଛ କଟାଯାଇଥିବା ଖବର ପାଇଥିଲୁ। ଘଟଣାସ୍ଥଳରେ ପହଞ୍ଚି ଦେଖିବାବେଳକୁ ସେଠାରେ ଝାଉଁ ଗଛ ଡାଳ ପଡ଼ିଥିଲା। ଏବେ କିନ୍ତୁ ଜଗିଛୁ ବୋଲି ମିଶ୍ର କହଛନ୍ତି।

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା



ରାଜନଗର,୨୯।୪(ଡି.ଏନ.ଏ.): ରାଜନଗର ବ୍ଲକ ଉପାନ୍ତ ବାଘମାରି ପଞ୍ଚାୟତର ବାଘମାରି ଗାଁରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ସର୍ବସ୍ୱାନ୍ତ ହୋଇଥିବା ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଶନିବାର ଦିନ ୧ଟା ସମୟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ବାଘମାରି ଗ୍ରାମର ଜାନକୀ ବେହେରାଙ୍କ ଘର ପୋଡ଼ି ଯାଇଥିଲା। ରାଜନଗର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀ ୪୦କିମି ପଥ ଅତିକ୍ରମ କରି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳେକୁ ଜାନକୀଙ୍କ ଧାନ, ଚାଉଳ, ଟଙ୍କା ଏବଂ ସମସ୍ତ ଆସବାସ ପାତ୍ର ପୋଡି ପାଉଁଶ ହୋଇଯାଇଥିଲା।

### ଅନ୍ନପୂର୍ଣ୍ଣା ମଲ୍ଲିକଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ,୨୯।୪(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅଣରା ଗ୍ରାମର ଧର୍ମପ୍ରାଣା ମହିଳା ଅନ୍ନପୂର୍ଣ୍ଣା ମଲ୍ଲିକଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ, ଯୁବନେତା ପ୍ରଶାନ୍ତ ସ୍ୱାଇଁ, ବଲୁରିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ, ଅଣରା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅମ୍ବିକା ମଲ୍ଲିକ, ସୟ ମଲ୍ଲିକ, ଅଣରା ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ, ତ୍ରିନାଥ ମଲ୍ଲିକ, ବିଜୟ ମଲ୍ଲିକ, ଚିତ୍ତରଞ୍ଜନ ମଲ୍ଲିକ, ଜନ୍ମେଜୟ ମଲ୍ଲିକ, ମନୋରଞ୍ଜନ ସ୍ୱାଇଁ, ପ୍ରଫୁଲ୍ଲ ନାୟକ(ବିଟି ) ସୁକାନ୍ତ ଦାସ, ପ୍ରଶାନ୍ତ ରାଉତ, ସତ୍ୟବ୍ରତ ମଲ୍ଲିକ,ଅଲେଖ ମଲ୍ଲିକ,ମାୟାଧର ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତା ମଲ୍ଲିକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଭାଗବତ ଲେଙ୍କାଙ୍କ ସ୍ମୃତିଚାରଣ ସଭା

ରାଜନଗର,୨୯।୪(ଡି.ଏନ.ଏ.)-ରାଜନଗର ଗାଁର ଅବସରପ୍ରାପ୍ତ ବ୍ଲକର ମୁଖ୍ୟ କିରାଣୀ ଭାଗବତ ଲେଙ୍କାଙ୍କ ଦ୍ୱାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଭୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, କୈଳାସ ଚନ୍ଦ୍ର ମହାନ୍ତି, କବି ଅଭିରାମ ସାହୁ, ପତ୍ରକାର ଭାସ୍କର ରାଉତରାୟ, ଅଭିରାମ ପତି, ଗଙ୍ଗାଧର ସେଠୀ ପ୍ରମୁଖ ଯୋଗଦେଇ ଭାଗବତଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ରଚିତ ରଚନାବଳୀକୁ ନେଇ ଏକ ସଂକଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତାଙ୍କ ପୁତୁରା ଶିକ୍ଷାବିତ୍ ରବି ନାରାୟଣ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଗାଁର ମୁରବୀ ଭିକାରୀ ବଳ, ଦାଶରଥି ଲେଙ୍କା, ହେମନ୍ତ କୁମାର ସାହୁ, ସୁକାନ୍ତ କୁମାର ବେହେରା, ପ୍ରଦୀପ ଲେଙ୍କା ଓ ତାଙ୍କ ପରିବାର ଲୋକେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଅମରେଶ ମହାରଣା ଓ ସାଥି କଳାକାରମାନଙ୍କ ଦ୍ୱାରା ସକାଳ ୯ଟାରୁ ଭଜନ ପରିବେଷଣ କରାଯାଇଥିଲା।

# ୨୫ କୋଟି ବ୍ୟୟ, ଚାଷୀଙ୍କ କାମରେ ଲାଗୁନି

**ଦେଉଳତରା ବୃହତ୍ ଉଠା ଜଳସେଚନ ପ୍ରକଳ୍ପ**

- ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ହୋଇଥିଲା ଉଦ୍‌ଘାଟନ
- କାର୍ଯ୍ୟକ୍ଷମ ପାଇଁ ୭ ପଞ୍ଚାୟତବାସୀଙ୍କ ଦାବି



କେନ୍ଦ୍ରାପଡ଼ା ଅଫିସ, ୨୯।୪

କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ଅଞ୍ଚଳରେ କେନାଲ ଜଳସେଚନ ସୁବିଧା ନାହିଁ। ଉଠା ଜଳସେଚନ ଅଥବା ବର୍ଷାକୁ ଚାଷୀ ଭରସା କରିଥାନ୍ତି । ତେବେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ଏକ ବୃହତ ଜଳସେଚନ ପ୍ରକଳ୍ପ ଅଦ୍ୟାବଧି ଚାଷୀଙ୍କ କାମରେ ନ ଲାଗିବା ପରି ଘଟଣା ଚାଷୀଙ୍କ ପାଇଁ ଦୁଃଖର କାରଣ ସାଜିଛି ।

ରାଜକନିକା ବ୍ଲକର ଦେଉଳତରାଠାରେ ୭ ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ପାଇଁ ୨୫ କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ପ୍ରକଳ୍ପ ପ୍ରାୟତଃ ଅକାମୀ ହୋଇ ପଡିଛି । ଏପରିକି ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ବାରମ୍ବାର ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଲୋକ ପ୍ରତିନିଧି ଓ ଚାଷୀମାନେ ପ୍ରକାଶ କରିଛନ୍ତି । ଦେଉଳତରାର ଚାଷୀ ସୁବାସ ଚନ୍ଦ୍ର ପାଣ୍ଡବ, ଅଭିମନ୍ୟୁ ବାରିକ, ମାନଗୋବିନ୍ଦ ପଣ୍ଡା, ବିଷ୍ଣୁଚରଣ ବାରିକ, ବିଜୟ ନାୟକ ପ୍ରମୁଖ କହିଛନ୍ତି, ଦେଉଳତରାର ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୯ ମାର୍ଚ୍ଚରେ ଉଦ୍‌ଘାଟନ କରିଥିଲେ । ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହା ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା । ଉଦ୍‌ଘାଟନର ପ୍ରାୟ ବର୍ଷେ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି । ପ୍ରକଳ୍ପ ଅଧୀନରେ ଦେଉଳତରା ସମେତ ମୁରାଦପୁର, ଉଜାଙ୍ଗ, ସିହୋପଡା, ନମତରା, ପାରିନୂଆପଡା- ହାବଳଗଣ୍ଡ ଓ ନମତରା ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ହେବ ବୋଲି ସୂଚନା ଦିଆଯାଇଥିଲା । ଖରସ୍ରୋତା ନଦୀରୁ ପାଣି ଉଠାଇ କ୍ଷେତକୁ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ପ୍ରାୟ ୧୦ ହଜାର ଚାଷୀ ଏବେ ବର୍ଷାକୁ ଭରସା କରିଛନ୍ତି । ଋଣ କରି ଚାଷ କରୁଥିବା ବେଳେ ଫସଲ ଗଜା ମରୁଡ଼ି ହେଲେ ଋଣ ଶୁଝିବା କଷ୍ଟକର ହେଉଛି । ଏନେଇ ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ସୁଫଳ ମିଳିନାହିଁ । ପ୍ରକଳ୍ପର ତ୍ରୁଟିକୁ ସୁଧାରି ତୁରନ୍ତ ଜଳ ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି ।

ଏନେଇ କୃଷକନେତା ଗୟାଧର ଧଳ, ସାମାଜିକ କର୍ମୀ ପ୍ରତାପ ପାଢ଼ୀ କୁହନ୍ତି, ନିର୍ବାଚନ ସମୟରେ ରାଜନେତାମାନେ ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେବା ଓ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ସବୁବେଳେ ପଛରେ ଅଛି । ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ବ୍ଲକ ଅଞ୍ଚଳର କ୍ଷେତକୁ ଅନୁନ୍ୟ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା ରହିବ । ତେବେ କେନ୍ଦ୍ରାପଡ଼ା ଜିଲାରେ ଏହା ସମ୍ଭବ ହେଉନାହିଁ । ଜିଲାର ଆଳି ଓ ରାଜନଗର ବ୍ଲକ ଅଞ୍ଚଳରେ ଆଦୌ କେନାଲ ନାହିଁ। ଉଠା ଜଳସେଚନ ଏଠାରେ ଚାଷୀଙ୍କ ପାଇଁ ଭରସା ପାଲଟିବା କଥା । ତେବେ ଏହି ଦୁଇ ବ୍ଲକ ଅଞ୍ଚଳରେ ଥିବା ୬୨୯ଟି ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅଧାରୁ ଊର୍ଦ୍ଧ୍ୱ ଅଚଳ ହୋଇଗଲାଣି । ଏପରି କି ଉଦ୍‌ଘାଟିତ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ପ୍ରଶାସକ ଓ ରାଜନେତାଙ୍କ ଏଥିପ୍ରତି ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକଳ୍ପକୁ ନେଇ ଚାଷୀ ଅସନ୍ତୋଷ ବଢୁଛି। ୨୦୨୦ରେ ଏହାର ଟ୍ରାଏଲ ରନ ହୋଇଥିଲେ ମଧ୍ୟ ଏହାର ତ୍ରୁଟିକୁ ସୁଧାର ହେଉନି। ଏନେଇ ବହୁବାର ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏଡିଏମ୍ ପିତାମ୍ବର ସାମଲ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ କେଉଁ ସମସ୍ୟା ରହିଛି ତା'ର ତନଖି କରାଯିବ । ଖୁବ୍ ଶୀଘ୍ର କିପରି ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ ସେଥିପାଇଁ ପଦକ୍ଷେପ ନିଆଯିବ ।

# ୧୩ ଦଫା ଦାବିରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ବିକ୍ଷୋଭ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ବିକ୍ଷୋଭ କରୁଛନ୍ତି।

କୁଜଙ୍ଗ,୨୯।୪(ଡି.ଏନ୍.ଏ)

କୁଜଙ୍ଗ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶନିବାର ୧୩ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ଅବସର କର୍ମଚାରୀ ସଂଘ ସଭାପତି ବାବୁରାମ ଚୌଧୁରୀ ଓ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସଂଘ ସଦସ୍ୟମାନେ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ସହ ଚିକିତ୍ସା ସୁବିଧା, ଉଚ୍ଛେଦ ହୋଇଥିବା ପେନସନ ବିଭାଗ ଓ ପ୍ରଶାସନିକ ଟ୍ରିବ୍ୟୁନାଲର ପୁନଃ ସ୍ଥାପନ, ରେଳ ଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ମିଳୁଥିବା ରିହାତିର ପୁନଃ ପ୍ରଚଳନ, ମୋ ବସ ଭଳି ରାଜ୍ୟର ଅନ୍ୟ ସମସ୍ତ ବସ୍‌ରେ ରିହାତି ପ୍ରଦାନ, ବ୍ୟାଙ୍କ ସୁଧରେ ପେନ୍‌ସନଧାରୀଙ୍କୁ ରିହାତି ସୁଯୋଗ, ସପ୍ତମ ବେତନ କମିଶନରଙ୍କ ସୁପାରିସ ଭିତ୍ତିରେ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା, କ୍ୱାଲିଫାଇଂ ସର୍ଭିସ ୨୦ ବର୍ଷକୁ ହ୍ରାସ କରିବା, ଇପିଏଫ୍ ପେନ୍‌ସନଧାରୀଙ୍କୁ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା, ନୂତନ ପେନ୍‌ସନ ସ୍କିମକୁ ବାତିଲ କରି ପୁରୁଣା ଲାଗୁ କରିବା, କରୋନା ମହାମାରୀ ସମୟର ୨୦୨୦ ଜାନୁୟାରୀରୁ ୨୦୨୧ ଜୁନ ପର୍ଯ୍ୟନ୍ତ ୧୮ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତି ବନ୍ଦ କରିବା, ଅନୁକମ୍ପାଭିତ୍ତିକ ନିଯୁକ୍ତିରେ କେବଳ ଚତୁର୍ଥଶ୍ରେଣୀ ଓ ଠିକା ନିଯୁକ୍ତି ନିୟମକୁ ବାତିଲ କରିବା ଆଦି ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ଶିକ୍ଷାବିତ୍ ଅଦ୍ୱୈତ ଚରଣ ସ୍ୱାଇଁ, ମାୟାଧର ଦାସ, ନିରଞ୍ଜନ ରାଉତ, ଅନଙ୍ଗ ମହାପାତ୍ର, ନବୀନ ପ୍ରଧାନ, ବିଷ୍ଣୁ ଚରଣ ମୁଦୁଲି, ବିକ୍ରମ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

### ନୂତନ ମନ୍ଦିରକୁ ଠାକୁର ନିଗମାନନ୍ଦଙ୍କ ବିଜେ

ରାଜନଗର,୨୯।୪(ଡି.ଏନ.ଏ.)

ରାଜନଗର ବ୍ଲକ ନାଉକୋଣାସ୍ଥିତ ନୀଳାଞ୍ଚଳ ସାରସ୍ୱତ ଶାଖା ସଂଘର ନୂତନ ଆସନ ମନ୍ଦିରକୁ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବ ଶୁଭ ବିଜେ କରିଛନ୍ତି। ୧୯୪୫ ରୁ ଏହି ଗ୍ରାମରେ ପ୍ରଥମେ ଠାକୁରଙ୍କ ଭାବଧାରା ପ୍ରକାଶିତ ହୋଇଥିଲା। ଗ୍ରାମର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ଖଦି ଆନ୍ଦୋଳନର ନେତା ଧନେଶ୍ୱର ରାଉତ, ତାଙ୍କ ସାନଭାଇ ଘନ ରାଉତ ଓ ଜମିଦାର ପିତାମ୍ବର ସାମନ୍ତ ସିଂହାର ପ୍ରମୁଖ ଥିଲେ। ୧୯୫୦ ମସିହାରୁ ସଂଘ ପ୍ରତିଷ୍ଠା ହୋଇଥିଲେବି ଏଯାଏଁ ଚାଳଘରେ ଠାକୁର ପୂଜା ପାଉଥିଲେ। ନୂତନ ଆସନ ମନ୍ଦିର ପ୍ରତିଷ୍ଠା ହେବା ପରେ ଠାକୁରଙ୍କୁ ସୁସଜ୍ଜିତ ତାମଜାନାରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଗ୍ରାମବାସୀ ସଂକୀର୍ତ୍ତନ ସହିତ ନଗର ପରିକ୍ରମା କରିଥିଲେ। ଅକ୍ଷୟତୃତୀୟା ଦିନ ସଂଘର ବାର୍ଷିକ ଉତ୍ସବ ସହିତ ବିଜେ ଉତ୍ସବ ମହା ସମାରୋହରେ ପାଳନ କରାଯାଇଥିଲା। ନୀଳାଚଳ ସାରସ୍ୱତ ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି, ସମ୍ପାଦକ ନରେଶ ଚନ୍ଦ୍ର ପତି, ପରିଚାଳନା ମଣ୍ଡଳୀର ସଦସ୍ୟ ସଂଗ୍ରାମ କେଶରୀ ସିହ୍ନା ପ୍ରମୁଖ ଯୋଗଦେଇ ଉତ୍ସବକୁ ପରିଚାଳନା କରିଥିଲେ।

# ଗ୍ରାମ ଜଙ୍ଗଲ ଜମିରେ ଚାଲିଛି ବେଆଇନ ଇଟାଭାଟି

**ତହସିଲଦାରଙ୍କୁ ଅଭିଯୋଗ**



ତିର୍ତ୍ତୋଲ,୨୯।୪ (ଡି.ଏନ.ଏ.)

ତିର୍ତ୍ତୋଲ ତହସିଲ ଅଧୀନ ଇନ୍ଦ୍ରିସିଙ୍ଗ ପଞ୍ଚାୟତର ବଡ଼ିଲୋ ଗ୍ରାମର ଜଙ୍ଗଲ ଜମିରେ ଦୀର୍ଘଦିନଧରି ବେଆଇନ ଭାବେ ଇଟାଭାଟି ଚାଲିଛି। ଏଥିସହ ଜଙ୍ଗଲ ଜମିରୁ ମାଟି ତାଡି ମୂଲ୍ୟବାନ ଗଛ ସବୁ କଟାଯାଉଛି। ସମ୍ପ୍ରତି ପ୍ରବଳ ଗ୍ରୀଷ୍ମପ୍ରବାହ ସହ ଇଟାଭାଟିର ଧୂଳି ଧୂଆଁରେ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଛନ୍ତି ବୋଲି ଶନିବାର ତିର୍ତ୍ତୋଲ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ବେଆଇନ ଇଟାଭାଟି ଉଚ୍ଛେଦ ସହ ଜଙ୍ଗଲ ଜମିରୁ ମାଟି କ୍ଷୟ ଓ ଗଛ କଟା ବନ୍ଦ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରଙ୍କୁ ନିବେଦନ କରାଯାଇଛି। ଏସମ୍ପର୍କରେ ତହସିଲଦାର ଅମୂଲ୍ୟ କୁମାର ସାହୁ କହିଛନ୍ତି, ଅଭିଯୋଗ ମିଳିଛି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭବାନୀ



@ ନିରୁପମା



@ ବିଷ୍ଣୁପ୍ରିୟା



@ ସ୍ମୃତିରଞ୍ଜନ



@ ଶ୍ରୀନିବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଢ଼ାରେ ସନ୍ଦେହ ଦୂର ପାଇଁ ଖୋଲିବ ଟୋଲ୍ ଫ୍ରି ନମ୍ବର

ଜଗତ୍‌ସିଂହପୁର ଅଫିସ, ୨୯।୪

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଯୋଗୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ଧାର୍ଯ୍ୟ ସମୟ ପୂର୍ବରୁ ଆଗୁଆ ଛୁଟି ଘୋଷଣା କରିଛନ୍ତି । କିନ୍ତୁ ଛୁଟିରେ ଯେପରି ପିଲାମାନେ ପାଠ ସହ ଯୋଡିହୋଇ ରହିପାରିବେ ସେନେଇ ପଦକ୍ଷେପ ନେଇଛନ୍ତି । ଆସନ୍ତା ମେ ୧ରୁ ରାଜ୍ୟର ପ୍ରତି ଜିଲାରେ ହଲିଡେ ହୋମ ୱାର୍କ ପ୍ରୋଗ୍ରାମ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲାସ୍ତରରେ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ହେଲ୍ପ ଡେସ୍କ କାର୍ଯ୍ୟକ୍ଷମ ହେବ। ପିଲାମାନଙ୍କୁ ସେମାନଙ୍କ ସନ୍ଦେହ ଦୂର (ଡାଉଟ୍ କ୍ଲିଅର) ପାଇଁ ଟୋଲ ଫ୍ରି ନମ୍ବର ୧୮୦୦-୩୪୫-୯୫୩୨ ଜାରି କରାଯିବ । ଛାତ୍ରୀଛାତ୍ର, ଛାତ୍ରାଭିଭାବକ ଓ ଶିକ୍ଷକମାନେ ଏହି ଟୋଲ୍ ଫ୍ରି ନମ୍ବରରେ କଲ୍ କରି ପରସ୍ପର ଆଦାନପ୍ରଦାନ କରିପାରିବେ । ପିଲାମାନେ ପାଠ ପଢା କ୍ଷେତ୍ରରେ କିଛି ବୁଝିବାର ଥିଲେ କିମ୍ବା ବିଷୟଗତ ସନ୍ଦେହ ଦୂର ପାଇଁ ଏହି ନମ୍ବରର ସହାୟତା ନେଇପାରିବେ । ଶନିବାର ସର୍ବଶିକ୍ଷା ଅଭିଯାନ ପକ୍ଷରୁ ପ୍ରେସ୍ ଇସ୍ତାହାର ଜରିଆରେ ଏହି ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲାରେ ଏହି ଟୋଲ୍ ଫ୍ରି ନମ୍ବର କାର୍ଯ୍ୟକାରୀ ହେବାକୁ ଯାଉଛି ।

# ଆଧ୍ୟାତ୍ମିକତା ମନରୁ ଅହଂକାର ଦୂରକରେ



ସଭାରେ ଯୋଗଦେଇଥିବା ସରପଞ୍ଚ, ଅତିଥି ଓ ଅନ୍ୟମାନେ।

ଏରସମା,୨୯।୪(ସ୍ୱ.ପ୍ର.)

**ମହାଦେବ ମନ୍ଦିର ଶିଳାନ୍ୟାସ ଉତ୍ସବ**

ଏରସମା ବ୍ଲକ ଅନ୍ତର୍ଗତ ନୂଆଡିହି ପଞ୍ଚାୟତସ୍ଥିତ ମହିମାଦେଇପୁର ଗ୍ରାମର ମଲ୍ଲୀକେଶ୍ୱର ମହାଦେବ ମନ୍ଦିର ଶିଳାନ୍ୟାସ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶିଳାନ୍ୟାସ କରିଥିଲେ। ସେହିପରି ଗ୍ରାମର ମହାବଳୀ ହନୁମାନଙ୍କ ୧୦ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ବ୍ରଜକିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଅବସରରେ ରାଉତ କହିଥିଲେ, ଗ୍ରାମାଞ୍ଚଳରେ ମଠ ଓ ମନ୍ଦିର ପ୍ରତିଷ୍ଠା ହେବା ଉଚିତ। ଆଧ୍ୟାତ୍ମିକତା ମଣିଷ ମନରୁ ଅହଂକାର ଭାବ ଦୂର କରେ ବୋଲି ସେ ପ୍ରକାଶ କରିଥିଲେ। ଏଥିରେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସମିତି ସଭ୍ୟ ବିଧୁଭୂଷଣ ମହାନ୍ତି, ବୁଦ୍ଧିଜୀବୀ ରଜେନ୍ଦ୍ର ନାରାୟଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉତ୍ସବରେ ମହିମାଦେଇପୁର ଗ୍ରାମବାସୀ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ବିନୋଦଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ଯଜ୍ଞସ୍ଥଳରେ ଜନସମାଗମ: ମନ ମୋହୁଛି ମିନାବଜାର

ରଘୁନାଥପୁର,୨୯।୪(ଡି.ଏନ୍.ଏ.)

**ଗୋରେଖନାଥ ପୀଠ ବିଶ୍ୱଶାନ୍ତି ମହାଯଜ୍ଞର ସପ୍ତମ ଦିବସ**



ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ବିଶ୍ୱଶାନ୍ତି ମହାଯଜ୍ଞର ସପ୍ତମ ଦିବସ ସମ୍ପନ୍ନ ହୋଇଛି। ରବିବାର ଯଜ୍ଞ ପୂର୍ଣ୍ଣାହୁତି ଓ ଅଷ୍ଟପ୍ରହର ନାମଯଜ୍ଞର ହରିହାଟ ମଉଛବ ଅନୁଷ୍ଠିତ ହେବ। ଦୀର୍ଘଦିନ ପରେ ଯଜ୍ଞ ଆହୂତି ଦର୍ଶନ କରି ଶ୍ରଦ୍ଧାଳୁମାନେ କୃତାର୍ଥ ଅନୁଭବ କରୁଛନ୍ତି। ପୀଠ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଯୁବକ ସଂଘ ଉଦ୍ୟମରେ ଆୟୋଜିତ ହୋଇଥିବା ମିନାବଜାର ଦର୍ଶକଙ୍କ ମନମୋହୁଛି। ସନ୍ଧ୍ୟା ପରଠୁ ମିନାବଜାରରେ ଦେଖାଣାହାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଶୃଙ୍ଖଳା ଓ ପରିଚାଳନା ଦାୟିତ୍ୱ ୨୫ ଜଣିଆ କମିଟି ଉପରେ ନ୍ୟସ୍ତ କରାଯାଇବେଳେ, ସମସ୍ତ କାର୍ଯ୍ୟ କମିଟି ସଭାପତି ଆଲୋକ ପଣ୍ଡା ଓ ସମ୍ପାଦକ ବିଜ୍ଞାନ ଦାସଙ୍କ ତତ୍ତ୍ୱାବଧାନରେ କରାଯାଉଛି। ରବିବାର ପୂର୍ଣ୍ଣାହୁତି ଅବସରରେ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସମସ୍ତ ବନ୍ଦୋବସ୍ତ ଆପାତତଃ ଶେଷ ହୋଇଛି। ତେବେ ସୀମିତ ପୋଲିସ ବ୍ୟବସ୍ଥା ଆଇନଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ଏଡ଼ାଇବାରେ ପର୍ଯ୍ୟାପ୍ତ ହୋଇ ନ ପାରେ ବୋଲି ମିନାବଜାର କମିଟି ସଭାପତି ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ସ୍ଥାନୀୟ ଯୁବକସଂଘ ଓ ରାହାଡିଙ୍ଗା କ୍ଲବର ସଦସ୍ୟମାନେ ପ୍ରସାଦ ସେବନ ବ୍ୟବସ୍ଥାକୁ ସୁଚାରୁ ରୂପେ ନିର୍ବାହ କରୁଛନ୍ତି। ଗ୍ରାମ୍ୟ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଦିଲୀପ କୁମାର ସ୍ୱାଇଁ, ରମେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନର କାର୍ଯ୍ୟ ସମ୍ପନ୍ନ କରାଯାଉଛି। ପୂଜକ ଦିଲୀପ କୁମାର ପଣ୍ଡା, ନିରଞ୍ଜନ ଦାଶ, ଗୋଲେଖ ବିହାରୀ ଦାଶଙ୍କ ସହ ଅନ୍ୟ ସମସ୍ତ କୋଠ ପାଳିଆ ସେବକମାନେ ପ୍ରଭୁଙ୍କ ନୀତିକାନ୍ତି ଓ ପ୍ରସାଦ ପ୍ରସ୍ତୁତି ଦାୟିତ୍ୱରେ ରହିଛନ୍ତି।

## ସଂକ୍ଷେପରେ

### ସରକାରୀ ସହାୟତା ପ୍ରଦାନରେ ନୟାଗଡ଼ ପ୍ରଥମ

ନୟାଗଡ଼ ଅଫିସ,୨୯।୪ : ଦୈବୀ ଦୁର୍ବିପାକ ତଥା ଅସ୍ୱାଭିକ ମୃତ୍ୟୁ ସହାୟତା ରାଶି ବଣ୍ଟନରେ ନୟାଗଡ଼ ଜିଲା ପ୍ରଥମ ସ୍ଥାନ ଅକ୍ତିଆର କରିଛି । ଅଗ୍ନିକାଣ୍ଡ, ବଜ୍ରପାତ, ସାପ କାମୁଡା, ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ ୪ ଲକ୍ଷ ଓ ଅଂଶୁଘାତରେ ପ୍ରାଣ ହରାଇଥିଲେ ୫୦ ହଜାର ପରି ସହାୟତା ଜିଲାରେ ୧୭୮ ଜଣ ପାଇଛନ୍ତି ।

### ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ନୟାଗଡ଼ ଅଫିସ,୨୯।୪ : ନୟାଗଡ଼ରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଏ ଅବସରରେ ଶନିବାର ପୂର୍ବାହ୍ନରେ ଏକ ସଚେତନତା ଶୋଭଯାତ୍ରା ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର ନିକଟାରୁ ବାହାରି ପଠାଣି ସାମନ୍ତ ଅଡିଟୋରିୟମ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ସ୍କୁଲ କଲେଜର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଏହାପରେ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ । ସହକାରୀ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପ୍ରତାପ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଦଶପଲ୍ଲା ଭୋଗରା ଗାଁର ଠାକୁରାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବାରୁ ସଭାରେ ପ୍ରଶଂସା କରାଯାଇଥିଲା ।

### ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଭାପୁର,୨୯।୪(ଡି.ଏନ୍.ଏ.) ଭାପୁର ବ୍ଲକ ଅନ୍ତର୍ଗତ ବଡସହରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷକ ଦୟାନିଧି ସୁବୁଦ୍ଧିଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ବ୍ରଜକିଶୋର ଆଲୁକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଶିକ୍ଷକ ସଂଘ ନେତା ପ୍ରଶନ୍ନ କୁମାର ଲେଙ୍କା, ସଂଘର ଉପଦେଷ୍ଟା ନିରଞ୍ଜନ ଦଳବେହେରା , ସ୍ଥାନୀୟ ସମିତି ସଭ୍ୟ ପ୍ରତିନିଧି ଦଣ୍ଡପାଣି ନାୟକ, ଶିକ୍ଷକ ସୁରେଶ ଚନ୍ଦ୍ର ମହାରଣା, ସ୍କୁଲ କମିଟିର ସଭାପତି ସାରଙ୍ଗଧର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଅବସର ନେଇଥିବା ପ୍ରଧାନଶିକ୍ଷକ ସୁବୁଦ୍ଧିଙ୍କ ଛାତ୍ରବତ୍ସଳ ନୀତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ନିରଞ୍ଜନ ଆଚାର୍ଯ୍ୟ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକଳାପ,ସମୟାନୁବର୍ତ୍ତିତା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷକଙ୍କୁ ଭାବବିହ୍ୱଳ ଭାବେ ମାନପତ୍ର ସହିତ ଅନ୍ୟାନ୍ୟ ଉପଢୌକନ ଅତିଥିମାନଙ୍କ ଦାରା ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ।

# ସୁରକ୍ଷିତ ନୁହନ୍ତି ବନ୍ୟପ୍ରାଣୀ

- ରୋକାଯାଇ ପାରୁନି ଶିକାର
- ଫାଶ, ବିଦ୍ୟୁତ୍ ତାର, ଗୁଳି ଓ କୁକୁର ଲଗାଇ ଶିକାର
- ଗାଁ, ସହରରେ ମିଳୁଛି ଜଙ୍ଗଲୀ ମାଂସ
- ଜଳାଶୟ ମୁହାଁ ବନ୍ୟପ୍ରାଣୀଙ୍କୁ ଟାର୍ଗେଟ

ନୟାଗଡ଼ ଅଫିସ,୨୯।୪

ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲ ଓ ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜ ଅଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରେ ଆଉ ବନ୍ୟପ୍ରାଣୀ ସୁରକ୍ଷିତ ନୁହନ୍ତି । ନୟାଗଡ଼ ଜିଲାର ବିଭିନ୍ନ ଜଙ୍ଗଲରେ ଶିକାରୀ ସକ୍ରିୟ ହୋଇଥିବାବେଳେ ବନବିଭାଗ ଏହାର ଟେର ପାଉ ନାହିଁ । ଜିଲାର ବିଭିନ୍ନ ଜଙ୍ଗଲିଆ ଅଞ୍ଚଳରେ ଫାଶ ପକାଇ, ବିଦ୍ୟୁତ୍ ତାର ବିଛାଇ, ଖାଦ୍ୟରେ ବିଷ ଦେଇ ଓ ବନ୍ଧୁକରେ ଶିକାର ଚାଲିଛି । ସେହିପରି କୁକୁର ଲଗାଇ ମଧ୍ୟ ଶିକାର ହେଉଛି । ତେବେ ଗ୍ରୀଷ୍ମଋତୁରେ ଖାଦ୍ୟ ଓ ପାଣି ଅନ୍ୱେଷଣରେ ଗାଁ,ସହର ମୁହାଁ ହେଉଥିବା ବନ୍ୟପ୍ରାଣୀଙ୍କୁ ଶିକାର କରିବା ସୁବିଧା ହେଉଛି । ଏଥିପାଇଁ ଶିକାରୀମାନେ ବନ୍ୟପ୍ରାଣୀ ଆସୁଥିବା ବିଭିନ୍ନ ଜଳାଶ୍ରୟକୁ ଚିହ୍ନଟ କରୁଛନ୍ତି । ପରେ ଜଳାଶ୍ରୟ ନିକଟରେ ଲୁଚି ଛପି ଶିକାର କରୁଛନ୍ତି। ଅଧିକାଂଶ ଜଳାଶ୍ରୟ ନିକଟରେ କୁକୁର ଦ୍ୱାରା ଶିକାରୀମାନେ ଶିକାର କରୁଛନ୍ତି । ଜିଲାରେ ଶିକାର ହେଉଥିବା ବିଭିନ୍ନ ବନ୍ୟପ୍ରାଣୀ ମଧ୍ୟରେ ବାର୍‌ହାର ସଂଖ୍ୟା ଅଧିକ ରହୁଛି ।

ସୂଚନା ଅନୁଯାୟୀ, ମାଳ ସଂରକ୍ଷିତ ଜଙ୍ଗଲର ଭେଟବର, ବଜ୍ରକୋଟ, ବନ୍ଧମୁଣ୍ଡା, ଶଙ୍ଖଯୋଡି, ନେଳିପଡା ଅଞ୍ଚଳର ପରି ରଣପୁର ରେଞ୍ଜର ବିଭିନ୍ନ ଜଙ୍ଗଲରେ ସମ୍ବର, କୁଟୁରା, ହରିଣ, ବାରହା ଶିକାର ଚାଲିଛି । ପ୍ରାୟ ୬ ମାସ ମଧ୍ୟରେ ମାଳ ସଂରକ୍ଷିତ ଜଙ୍ଗଲରୁ ୫ସମ୍ବର, ୭କୁଟୁରା, ୫୦ ବାରହା ଫାଶ, ବିଦ୍ୟୁତ୍ ତାର ଓ ଗୁଳି ଯୋଗେ ଶିକାର ହୋଇଥିବା ବେସରକାରୀ ଭାବେ ଜଣାପଡିଛି । ସେହିପରି ଓଡ଼ଗାଁ ରେଞ୍ଜର ଗୋଛା, ଗୟଳସିଂହ ଜଙ୍ଗଲରେ ଅନୁରୂପ ଭାବେ ଶିକାର ହୋଇଛି । ଏଠାରେ ବେଶି ବାର୍‌ହା ଶିକାର ହେଉଛି। ପୁଣି ଗଜେନ୍ଦ୍ରାପଲ୍ଲୀ, ଚୋରାଖୋଲ, ହଳଙ୍ଗାପଲ୍ଲୀ, ଚେମେଡି, ବାଣ୍ଡପୁର, କୁରାଡ଼ିଘଷା ଅଞ୍ଚଳରେ ଅନୁରୂପ ଭାବେ ଶିକାର ଚାଲିଛି । ଓଡ଼ଗାଁ ରେଞ୍ଜର ରଙ୍ଗଣୀପାଟଣା ଛକ, ବାଘୁଆ ଛକରେ ଜଙ୍ଗଲି ମାଂସ ମିଳୁଛି । ଶରଣକୁଳ ଭଣ୍ଡାର ମୁଣ୍ଡିଆରୁ ବନ୍ୟପ୍ରାଣୀଙ୍କୁ ଶିକାର କରାଯାଇ ମାଂସ ବିକ୍ରି ହେଉଛି । ଗଞ୍ଜାମରୁ ହରିଣ ମାଂସ ଓଡ଼ଗାଁ, ପଞ୍ଚରିଡା, ବଡପୁଟ, ଶରଣକୁଳ ଅଞ୍ଚଳରେ ବିକ୍ରି ହେଉଛି । ଗୋଡିପଡ଼ା ଅଞ୍ଚଳରେ ହରିଣ, ବାର୍‌ହା, ସମ୍ବର ମାଂସ ବିକ୍ରି ହେଉଛି । ମହିପୁର, ନୂଆଗାଁ ଓ ଗଣିଆରେ ମଧ୍ୟ ବନ୍ୟପ୍ରାଣୀ ମାଂସ ମିଳୁଛି । ଖୋର୍ଦ୍ଧା ଜିଲାର ବରବରା, ଧୁଆଁନଳୀ ଜଙ୍ଗଲ ସହ ରଣପୁରର ବିଭିନ୍ନ ଜଙ୍ଗଲରୁ ଜଙ୍ଗଲୀ ପଶୁଙ୍କ ମାଂସ ଗୋଡିପଡ଼ାକୁ ଆସୁଛି । ମହିପୁର ରେଞ୍ଜର ହାତୀମୁଣ୍ଡା, ପାଲଭାରେ ଶିକାରକୁ ରୋକିବା କାଠିକର ପାଠ । ପୁଣି ରଗଡିମଡା, ମିନା ଗାଡିଆ, ଗୁମି, ସିଙ୍ଗାରପୁର, କୋଶଳାଙ୍ଗ ଅଞ୍ଚଳରେ ଅନୁରୂପ ଭାବେ ଶିକାର ହେଉଛି । ଗଣିଆର ବାଇସିପଲ୍ଲୀ ଅଭୟାରଣ୍ୟ ଭିତରେ ଶିକାର ଚାଲିଛି । ପୁଣି ମଣିଭଦ୍ରା, ସାତପୁରି ଜଙ୍ଗଲରୁ ହରିଣ ଶିକାର ବଢ଼ି ଚାଲିଛି । କଟକ ଜିଲ ନରସିଂହପୁର ଅଞ୍ଚଳର କେତେଜଣ ଶିକାରୀ ହରିଣ ଶିକାର କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବା ସହ ନରସିଂହପୁରକୁ ଚାଲାଣ କରୁଥିବା ଅଭିଯୋଗ ରହିଛି। ପ୍ରାୟ ୧ବର୍ଷ ତଳେ ଗଣିଆ ନନ୍ଦନ ହୋଟେଲରେ ଜଙ୍ଗଲ ମାଂସ ବିକ୍ରି ହେବା ଏହାର ନଜିର ରହିଛି । ହୋଟେଲର ମାଲିକଙ୍କ ଘରୁ ଜଙ୍ଗଲୀ ମାଂସ ଜବତ ସହ ବାପ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ପୁଣି ଗଣିଆର ବିଞ୍ଜିଗିରି ଜଙ୍ଗଲରେ ଶିକାରୀଙ୍କ ରାଜ୍ ବଢ଼ି ଚାଲିଛି। ଛାମୁଣ୍ଡିଆ, ବଡସିଲିଙ୍ଗା, କରଡାପଡା, ବଡମୂଳରେ ଶିକାର ଚାଲିଛି । ଭାପୁର ବ୍ଲକର ବାଇଗୁଣିଆ, ବାନ୍ଦେରା ଶାଳ ଜଙ୍ଗଲରେ ଚଉସିଙ୍ଗ, ବାର୍‌ହା, ହରିଣ ଶିକାର ଚାଲିଛି । ସେହିଭଳି ଖଣ୍ଡପଡ଼ା ଗୋହିରିଆପଡା, କିଆଝର ଜଙ୍ଗଲରେ ଅନୁରୂପ ଶିକାର ଚାଲିଛି । ଜିଲାରେ ମୋଟାମାଟି ଭାବେ ଶିକାରୀ ସକ୍ରିୟ ହୋଇ ପଡିଥିବାବେଳେ ବନବିଭାଗ ପକ୍ଷରୁ ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇ ପାରୁ ନାହିଁ। ବିଭିନ୍ନ ସମୟରେ ବନବିଭାଗ ପକ୍ଷରୁ ଧରପଗଡ ହେଉଛି । ଏପରିକି ଶିକାରୀଙ୍କୁ ଗିରଫ ସହ ଜଙ୍ଗଲ ମାଂସ ଜବତ କରାଯାଇଛି । ହେଲେ ବନବିଭାଗର କାର୍ଯ୍ୟାନୁଷ୍ଠାନ ଶିକାରୀ ଓ ଶିକାରକୁ ରୋକିପାରୁ ନାହିଁ ବୋଲି ଅଭିଯୋଗ ହୋଇ ଆସୁଛି । ଏନେଇ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ବନବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲରେ ଚଢ଼ାଉ କରାଯାଇ ଶିକାରୀ ଓ ବନ୍ୟ ପ୍ରାଣୀ ମାଂସ ଜବତ କରାଯାଉଛି। ବନ୍ଧୁକ ବି ଜବତ ହେଉଛି । ଶିକାରୀଙ୍କୁ ଧରପଗଡ଼ ପାଇଁ ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି । ପୁଣି ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇଛି ବୋଲି କହିଛନ୍ତି ।

## ପଛୁଆବର୍ଗ ଜାତି ସର୍ଭେ କାର୍ଯ୍ୟ କରିବାକୁ ଶିକ୍ଷକଙ୍କ ବିରୋଧ



ଶିକ୍ଷକମାନେ ତହସିଲଦାରଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ।

ନୂଆଗାଁ,୨୯।୪(ଡି.ଏନ.ଏ.)

ରାଜ୍ୟରେ ସାମାଜିକ ଆର୍ଥିକ ପଛୁଆବର୍ଗ ଜାତି ସର୍ଭେ କରାଯିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ତେଣୁ ଏହି ସର୍ଭେ କାର୍ଯ୍ୟ କରିବା ପାଇଁ ନୂଆଗାଁ ବିଡ଼ିଓ ପ୍ରାଥମିକ ଶିକ୍ଷକମାନଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ । ତେବେ ଶିକ୍ଷକମାନେ ଏହି କାର୍ଯ୍ୟ କରିବେ ନାହିଁ ଏବଂ ବିଡ଼ିଓଙ୍କ ନିର୍ଦ୍ଦେଶକୁ ବିରୋଧ କରି ଶନିବାର ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

ଶିକ୍ଷକମାନଙ୍କ ଅଭିଯୋଗ ଅନୁଯାୟୀ, ନୂଆଗାଁ ବ୍ଲକରେ ସାମାଜିକ ଆର୍ଥିକ ପଛୁଆ ବର୍ଗ ଜାତି ସର୍ଭେ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନୂଆଗାଁ ବିଡ଼ିଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକମାନେ କହିବା ଅନୁସାରେ କେବଳ ଅଙ୍ଗନୱାଡି କର୍ମୀ, କର ଅସୁଲକାରୀ ଓ ୱାର୍ଡ ଅଫିସର ଏହି ସର୍ଭେ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ସର୍ଭେ ହ୍ୟାଣ୍ଡ ବୁକ୍‌ର ଚତୁର୍ଥ ପୃଷ୍ଠାରେ ଉଲ୍ଲେଖ ରହିଛି। ଶିକ୍ଷକମାନେ କେବଳ ଜନଗଣନା, ନିର୍ବାଚନ ଏବଂ ପ୍ରାକୃତିକ ବିପର୍ଯ୍ୟୟ କାମ ବ୍ୟତୀତ ଅନ୍ୟ କୌଣସି ଅଣ ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ ହେବେ ନାହିଁ ବୋଲି ସରକାରଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ଲିଖିତ ଭାବେ ଜଣାଇଛନ୍ତି । ନୂଆଗାଁ ବ୍ଲକର ସର୍ଭେ କାର୍ଯ୍ୟ ପାଇଁ ନିୟୋଜିତ ଶିକ୍ଷକମାନେ ବିଡ଼ିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ଅଭିଯୋଗ ପତ୍ର ଦେବା ପାଇଁ ଆସିଥିଲେ। ବିଡ଼ିଓଙ୍କ ଅନୁପସ୍ଥିତ ଥିବାରୁ ସମାଜ ମଙ୍ଗଳ ଅଧିକାରୀ ମଳୟ ରଞ୍ଜନ ଚିନ୍ନରା ଓ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏ ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବୁ ଏବଂ ସେମାନେ ଯାହା ନିଷ୍ପତ୍ତି ଗ୍ରହଣ କରିବେ ବୋଲି କହିଛନ୍ତି ଉଭୟ ଅଧିକାରୀ।

## ମରାମତି ଅଧାପନ୍ତରିଆ, ଆସୁନି ପାନୀୟଜଳ



ନୟାଗଡ଼ ଅଫିସ, ୨୯।୪

ନୟାଗଡ଼ ବ୍ଲକ ଜେମାଦେଇପୁରପାଟଣା ପଞ୍ଚାୟତ ରାଜପାଟଣା ଗାଁର ୬ନଂ. ୱାର୍ଡରେ ପାନୀୟଜଳ ସଙ୍କଟ ଦେଖା ଦେଇଛି । ରାଜପାଟଣା ଲାଠିପଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତାର ରାଜପାଟଣା ନିକଟରେ ସାଢ଼େ ୮ ମାସ ହେଲା ପାନୀୟଜଳ ପ୍ରକଳ୍ପର ପାଇପ କଟାଯାଇ ରାସ୍ତା ପାର୍ଶ୍ୱରେ ପଡି ରହିଥିଲା। କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ରାଜପାଟଣା ପାନୀୟ ଜଳ ପ୍ରକଳ୍ପର ପାଇପ କଟା ଯାଇଥିଲେ ମଧ୍ୟ ଏହାକୁ ମରାମତି କରାଯାଉ ନ ଥିଲା । ଏନେଇ ଖବର ପ୍ରକାଶନ ପରେ ମରାମତି ହୋଇଛି । ତେବେ କାମ ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ଗାଁକୁ ପାଣି ଆସି ପାରୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଭବାନୀ


@ ନିରୁପମା


@ ବିଷ୍ଣୁପ୍ରିୟା


@ ସ୍ମୃତିରଞ୍ଜନ


@ ଶ୍ରୀନିବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୩ ବିଦାୟୀ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ସମ୍ବର୍ଦ୍ଧନା


ଅତିଥିମାନେ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି ।

ରଣପୁର,୨୯।୪(ସ୍ୱ.ପ୍ର.)

ଶନିବାର ନୟାଗଡ଼ ଜିଲା ରଣପୁର ବ୍ଲକ ନିକଟସ୍ଥ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ନୟାଗଡ଼ ଜିଲାପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ରଣପୁର ବିଜ୍ଞାପିତ ଅଞ୍ଚଳପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ବନଲତା ବେହେରା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ, କାଉନସିଲର ରମେଶ ଚନ୍ଦ୍ର ନାୟକ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାସ୍କର ପ୍ରଧାନ, ମୋ ସ୍କୁଲ ସଭାପତି ପ୍ରକାଶ ଦାଶ, ରଣପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନା, ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ, ରଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ମଧ୍ୟ ଇଂରାଜୀ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ଦାଶ, ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା ସାହୁ, କାଣ୍ଡରାସିଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହରପ୍ରସାଦ ଦାଶଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି । ଅତିଥିମାନେ ବିଦାୟୀ ଶିକ୍ଷୟିତ୍ର, ଶିକ୍ଷକମାନଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ ।

## ରଣପୁରରେ ବି ସର୍ଭେ କାର୍ଯ୍ୟକୁ ବିରୋଧ

ରଣପୁର,୨୯।୪(ସ୍ୱ.ପ୍ର.)

ସାମାଜିକ ଆର୍ଥିକ ପଛୁଆବର୍ଗ ଜାତି ସର୍ଭେ କାର୍ଯ୍ୟକୁ ରଣପୁର ଶିକ୍ଷୟିତ୍ରୀ,ଶିକ୍ଷକମାନେ ବିରୋଧ କରିଛନ୍ତି । ଏହାକୁ ନେଇ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶୁକ୍ରବାର ରାତ୍ରରେ ରଣପୁର ବିଡ଼ିଓ ନେଇ ଏକ ଚିଠି (ନଂ.୧୪୧୪/୨୭/୪/୨୩) କରି ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଜାତିଭିତ୍ତିକ ଜନଗଣନାରେ ସାମିଲ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ୧୫୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେବେ । ଏହାପରେ ମେ'୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କ ସହ ମିଶି ପ୍ରତି ପରିବାରକୁ ଯାଇ ସର୍ଭେ କରିବେ। ହେଲେ ଏହି କାର୍ଯ୍ୟ ଶିକ୍ଷକମାନଙ୍କ ନିମନ୍ତେ ଉର୍ଦ୍ଧିଷ୍ଟ ନୁହେଁ ବୋଲି ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ ପ୍ରକାଶ କରିଛନ୍ତି। ଏହାକୁ ବିରୋଧ କରି ଶନିବାର ଏକ ଦାବିପତ୍ର ରଣପୁର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ପ୍ରାଥମିକ ଶିକ୍ଷକ ସଂଘ, ଏନ୍‌ପିଏସ ପ୍ରାଥମିକ ଶିକ୍ଷକ ସଂଘ, ମଧ୍ୟ ଇଂରାଜୀ ଶିକ୍ଷକ ସଂଘ, ଗଣ ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ ।

## ୪ଜଣଙ୍କୁ ଆଜୀବନ କାରାଦଣ୍ଡ

### ପ୍ରଫୁଲ୍ଲ ହତ୍ୟା ମାମଲା

ନୟାଗଡ଼ ଅଫିସ,୨୯।୪

ନୟାଗଡ଼ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଇଟାମାଟି ଥାନା ପୁରୁଷୋତ୍ତମପୁରର ପ୍ରଫୁଲ୍ଲ ମହାନ୍ତି ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ଅତିରିକ୍ତ ଜିଲା ଜଜ ଲିଲି ସେନାପତି ଏହାର ବିଚାର କରି ପ୍ରଶାନ୍ତ ମଣ୍ଡଳ, ନିତ୍ୟାନନ୍ଦ ସାହୁ, ଶିବ କର, ଆନନ୍ଦ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ବସନ୍ତ ସାହୁ, ନିରଞ୍ଜନ ମଣ୍ଡଳ ଓ ରମାମଣି ଜେନା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୩ ଫେବୃୟାରୀ ୪ରେ ପୁରୁଷୋତ୍ତମପୁରରେ ପ୍ରଫୁଲ୍ଲ ମହାନ୍ତିଙ୍କୁ ହତ୍ୟା କରାଯାଇଥିଲା । ପ୍ରଫୁଲ୍ଲ ସ୍ଥାନୀୟ ମନ୍ଦିରରୁ ମିଲ୍‌କୁ ଫେରୁଥିବାବେଳେ ଖଣ୍ଡା, ବନ୍ଧୁକ, ଫାର୍ସା ଆଦି ମାରଣାସ୍ତ୍ର ଧରି ପୁରୁଷୋତ୍ତମପୁର ଗାଁର ସହଦେବ ମଣ୍ଡଳ, ନିରଞ୍ଜନ ଜେନା, ପ୍ରଶାନ୍ତ ମଣ୍ଡଳ, ନିତ୍ୟାନନ୍ଦ ସାହୁ, ଶିବ କର, ଆନନ୍ଦ ସାହୁ, ବସନ୍ତ ସାହୁ, ନିରଞ୍ଜନ ମଣ୍ଡଳ ଓ ରମାମଣି ଜେନା ମିଳିତ ଭାବେ ଆକ୍ରମଣ କରିଥିଲେ । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯାଇଥିଲେ । ସେ ମରିଯାଇଥିବା ଭାବି ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ । ପ୍ରଫୁଲ୍ଲଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା । ସେଦିନ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିଲା । ଅଭିଯୋଗ ପରେ ଇଟାମାଟି ଥାନା ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ଅଭିଯୁକ୍ତମାନେ ଜାମିନରେ ଆସିଥିଲେ । ମାମଲା ବିଚାର ସମୟରେ ମୁଖ୍ୟ ଅଭିଯୁକ୍ତ ସହଦେବ ମଣ୍ଡଳ ଓ ନିରଞ୍ଜନ ଜେନାଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଓକିଲ ଅନୱର ମଲ୍ଲିକ ସୂଚନା ଦେଇଛନ୍ତି ।

## ବହୁ ଭିଟାମିନ୍‌ରେ ଭରପୂର ସୁଷମ ଖାଦ୍ୟ ମାଣ୍ଡିଆ

### ପୁଷ୍ଟି ଶସ୍ୟ ମାତୃ ମହୋତ୍ସବ ପାଳିତ

ନୂଆଗାଁ,୨୯।୪(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ଶନିବାର ସ୍ୱେଚ୍ଛାସେବୀ ସଙ୍ଗଠନ ହାମ୍‌ସ ଓ ମହିଳା ଶିଶୁ କଲ୍ୟାଣ ବିଭାଗର ମିଳିତ ଉଦ୍ୟମରେ ପୁଷ୍ଟିଶସ୍ୟ ମାତୃ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ମହିଳା ଓ ଶିଶୁ ବିକାଶ ଅଧିକାରୀ (ସିଡିପିଓ) ଶୁଭ୍ରକେଶୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କ କ୍ଷେତ୍ରରେ ମାଣ୍ଡିଆର ଉପକାରିତା ବିଷୟରେ ବୁଝାଇଥିଲେ। ମାଣ୍ଡିଆ ହେଉଛି ବହୁ ଭିଟାମିନ୍ ଯୁକ୍ତ ସୁଷମ ଖାଦ୍ୟ ବୋଲି କହିଥିଲେ । ରାଜ୍ୟରୁ ଅପପୃଷ୍ଟି ଦୂର କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଅପପୃଷ୍ଟି ଦୂର କରିବାରେ ମାଣ୍ଡିଆର ଭୂମିକା ରହିଛି।



ସିଡିପିଓ ମାଣ୍ଡିଆର ଉପକାରିତା ସଂକ୍ରାନ୍ତରେ ବୁଝାଉଛନ୍ତି ।



ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଷ୍ଟଲ୍ ।

ସରକାର ୨୦୧୭ରୁ ରାଜ୍ୟରେ ମିଲଟ ମିଶନ ଆରମ୍ଭ କରିଥିବା ବେଳେ ୨୦୨୩କୁ ଆନ୍ତର୍ଜାତୀୟ ମିଲଟ ଦିବସ ଭାବେ ଘୋଷଣା କରିଛନ୍ତି। ମାଣ୍ଡିଆ ହେଉଛି ମହିଳାମାନଙ୍କଠାରେ ଦେଖାଯାଉଥିବା ଅପପୃଷ୍ଟି ଦୂର କରିବା ପାଇଁ ଉପଯୁକ୍ତ ଖାଦ୍ୟ । ମାଣ୍ଡିଆରେ ଯଥେଷ୍ଟ ପରିମାଣର ଭିଟାମିନ୍ ରହିଛି । ତେଣୁ ତାକୁ ଆମେ ବିଭିନ୍ନ ଉପାୟରେ ଖାଦ୍ୟ ପ୍ରସ୍ତୁତ କରି ଆହାର କରିପାରିବା। ତେଣୁ ପ୍ରତିଟି ମହିଳାଙ୍କୁ ମାଣ୍ଡିଆର ଉପକାରିତା ବିଷୟରେ ବୁଝାଇବା ପାଇଁ ଉପସ୍ଥିତ ଥିବା ଅଙ୍ଗନୱାଡି କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ସମସ୍ତଙ୍କ ଲକ୍ଷ୍ୟ ଉତ୍ତମ ସ୍ୱାସ୍ଥ୍ୟ ସହ ସ୍ୱାବଲମ୍ବୀ ହେବା। ତେଣୁ ମାଣ୍ଡିଆରେ ମହିଳାମାନେ ଲଡ୍ଡୁ, କେକ୍, ମିଶ୍ଚର, ଲସି ଆଦି ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ତିଆରି କରି ସ୍ୱାବଲମ୍ବୀ ହେବାର ନମୁନା ଏହି କାର୍ଯ୍ୟକ୍ରମରେ ପ୍ରସ୍ତୁତ ଖାଦ୍ୟ ମାଧ୍ୟମରେ ପ୍ରଦର୍ଶନ କରିବା ସହ ଅତିଥିମାନଙ୍କୁ ଖୁଆଇଥିଲେ । ହାମ୍‌ସ ଅନୁଷ୍ଠାନର ଏପରି ମିଳିତ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ନୂଆଗାଁ ସହକାରୀ କୃଷି ଅଧିକାରୀ ପୂଜା କହଁର, ସିଡିପିଓ ମଲ୍ଲିକ, ବ୍ଲକ ଜୀବିକା ମିଶନ ସଂଯୋଜିକା ସସ୍ମିତା ପରିଡ଼ା, ନୂଆଗାଁ ବ୍ଲକ ମିଶନ ଶକ୍ତି ସଂଯୋଜକ ଦିଲ୍ଲିପ କୁମାର ନାୟକ, ଅତିଥି ଭାବେ ଯୋଗ ଦେଇଥିଲେ । ହାମସ ସମ୍ପାଦକ ବିଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

